# "ତୁ ଗୋଟେ କାମ କର ତୋର ସମସ୍ତ ରୋଜଗାର ସ୍ତ୍ରୀକୁ ନେଇ ଦେଇଦେ" !

ମୁଁ ସନ୍ତୋଷ କୁମାର ନାୟକ (ଛଦ୍ମନାମ) । ଘର କେନ୍ଦ୍ରାପଡ଼ା ଜିଲ୍ଲାରେ । ଆମେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ବାପା ଚାଷ କରି ସେଥିରୁ ହେଉଥିବା ରୋଜଗାରରେ ବହୁ କଷ୍ଟରେ ମତେ ବି.ଏ. ପଢ଼ାଇଥିଲେ । ଗାଁ ରେ ମୁଁ ମଧ୍ୟ ବାପାଙ୍କ ସହିତ କାମଧନ୍ଦା କରେ । ଇତି ମଧ୍ୟରେ ଗାଁ ନିକଟସ୍ଥ ଏକ ମହାବିଦ୍ୟାଳୟରେ ମୋତେ କିରାଣୀ ଭାବରେ ଚାକିରୀଟିଏ ମିଳିଲା । ଏହା ଭବିଷ୍ୟତରେ ସରକାରୀ ମାନ୍ୟତା ପାଇଯିବ ବୋଲି ଭାବି ସେଠାରେ ସ୍ୱଳ୍ପ ଦରମାରେ ମୁଁ ଚାକିରୀ କରିଲି । ମୋର ବିବାହ ବୟସ ହେବାରୁ ଚାକିରୀଆ ଜ୍ୱାଇଁ ବୋଲି ଭାବି ଆମ ଘରକୁ ବହୁ ପ୍ରସ୍ତାବ ଆସୁଥିଲା । ଅନେକ ପ୍ରସ୍ତାବ ମଧ୍ୟରୁ ଆମ ଗାଁ ପାଖରେ ଏକ ଝିଅକୁ ମୁଁ ପସନ୍ଦ କରିଥିଲି । ଯିଏ କି ଗୋଟିଏ ସାଧାରଣ ପରିବାରର ଓ +୩ ପାସ୍ କରିଥିଲେ । ମାତ୍ର ଏଇ ଖୁସି ବେଶି ଦିନ ରହିଲା ନାହିଁ । ଜୁଲାଇ ୧ତାରିଖ ୧୯୯୮ ମସିହାରେ ମୁଁ ବିବାହ କରିଥିଲି । ମାତ୍ର ବର୍ତ୍ତମାନ ଶୁଦ୍ଧା ମଧ୍ୟ ଉକ୍ତ ମହାବିଦ୍ୟାଳୟରେ ସରକାରୀ ଅନୁଦାନ ପାଇନାହିଁ । କେତେଦିନ ମାଗଣା ଆଉ ଖଟିଥାନ୍ତି । ବାଧ୍ୟ ହୋଇ ଚାକିରୀ ଛାଡ଼ିଲି । ପାଖରେ ପଇସା ନଥିବାରୁ ସ୍ତ୍ରୀ ମୋତେ ତୁ ତା ରେ ରା ବ୍ୟବହାର କରିବା ସହିତ ଲୋକମାନଙ୍କ ଆଗରେ କାପୁରୁଷ ଓ ଅପଙ୍ଗ ବୋଲି କହେ । ଭଗବାନଙ୍କର ମଧ୍ୟ ଏପରି ଯୋଗ ଯେ, ବାହାଘର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଇଶ୍ୱର କୋଳରେ ଛୁଆଟିଏ ଦେଲେ ନାହିଁ । ଫଳରେ ସ୍ତ୍ରୀ ବହୁ ଖରାପ ବ୍ୟବହାର କରି କଥାବାର୍ତ୍ତା କରୁଛି । ଯାହା ମୋତେ ବହୁ କଷ୍ଟ ପ୍ରଦାନ କରୁଛି । ଘରେ ମୋର ବୃଦ୍ଧ ବାପା ମାଆ । ବାପାଙ୍କର ବୟସ ୮୫ ବର୍ଷ ହୋଇଥିବା ବେଳେ ମାଆଙ୍କର ବୟସ ୭୫ ବର୍ଷ ଅଟେ । ସେମାନଙ୍କର ମୋ ସ୍ତ୍ରୀ ସେବା କରିବା ତ ବହୁ ଦୂରର କଥା, ଯେଛା ତାହା ବ୍ୟବହାର କରୁଛନ୍ତି । ଯାହା ମୋତେ ଗଭୀର ମାନସୀକ ଆଘାତ ଦେଉଛି । ଅନେକ ସମୟରେ ସ୍ତ୍ରୀ ମୋତେ କହୁଛି, ତୋତେ ମୁଁ ଏଭଳି କୁକୁର ଭଳି ବ୍ୟବହାର କରୁଛି ତଥାପି କଣ ପାଇଁ ତୁ ଆତ୍ମହତ୍ୟା ନକରି ବଞ୍ଚିଛୁ । ଏକ ବର୍ଷ ତଳେ ଗାଁ ପାଖରେ ଥିବା ପୁଲିସ୍ ଫାଣ୍ଡିର ଏ.ଏସ୍. ଆଇ.ଙ୍କୁ ଯାଇ ସମସ୍ତ କଥା ଜଣାଇଲି । ମାତ୍ର ସେ ମୋତେ ସାହାଯ୍ୟ କରିବା ପରିବର୍ତ୍ତେ କହିଲେ, ବାବୁ ସବୁ ଆଇନ୍ କେବଳ ମହିଳାଙ୍କ ପାଇଁ । "ତୁ ଗୋଟେ କାମ କର ତୋର ସମସ୍ତ ରୋଜଗାର ତାକୁ ନେଇ ଦେଇଦେ" । ସେ ଯାହା ଚାହୁଁଛି ତାହା କର । ଦେଖିବୁ ସବୁ ଠିକ୍ ଠାକ୍ ହୋଇଯିବ । କିନ୍ତୁ ଏହା କଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଏହାପରେ ତା ୨୧-୦୩-୨୦୧୬ରିଖ ଦିନ ରାଜ୍ୟ ମହିଳା କମିଶନ୍‌ରେ ଦରଖାସ୍ତ ଦେବାପରେ ସେମାନେ କହିଲେ ପ୍ରଥମତଃ ପୁରୁଷଙ୍କର ଦରଖାସ୍ତ ଏଠାରେ ଗ୍ରହଣ କରାଯାଏ ନାହିଁ । ତାଙ୍କୁ ଗୋଡ଼ ତଳେ ପଡ଼ି ନେହୁରା ହୋଇ କହିବାରୁ ସେଠି ଉପସ୍ଥିତ ଥିବା ଜଣେ ଭଦ୍ରମହିଳା ମୋତେ କହିଲେ ତୁମ ସ୍ତ୍ରୀକୁ ନେଇ ବିଭିନ୍ନ ମନ୍ଦିର ଧର୍ମାଲୋଚନା ଇତ୍ୟାଦିରେ ଭାଗନିଅ । ତାର ମନ ପସନ୍ଦର ଶାଢ଼ୀ ଚୁଡ଼ି ତାକୁ ଯୋଗାଇ ଦିଅ, ଦେଖିବ ସବୁ ଠିକ୍ ଠାକ୍ ହୋଇଯିବ । କିଛି ବୁଦ୍ଧିଜୀବୀ ଆଇନ୍‌ଜୀବୀଙ୍କୁ ଭେଟିବାରୁ ସେମାନେ ମୋତେ କହିଲେ ତୁରନ୍ତ ପଇସା ପତ୍ର ଯୋଗାଡ଼ କରିଆଣିଲେ ଛାଡ଼ପତ୍ର କେସ୍ କରିଦେବା । ମାତ୍ର ଛାଡ଼ପତ୍ର କଲେ ମୋତେ ମାସକୁ ମାସ ଭରଣ ପୋଷଣ ଦେବାକୁ ପଡ଼ିବ, ଯେଉଁଥିପାଇଁ ମୁଁ ସମ୍ପୂର୍ଣ୍ଣ ଅକ୍ଷମ । ଏଭଳି ସ୍ଥିତିରେ କଣ ଯେ ମୁଁ କରିବି କିଛି ବୁଝାପଡୁ ନାହିଁ । ଏପରିକି ଏହି ଘଟଣା ବିଷୟରେ ମୋର ଶ୍ୱଶୁର ଶାଶୁ ସମସ୍ତଙ୍କୁ ଜଣାଇଲେ ମଧ୍ୟ ପ୍ରଥମେ ପ୍ରଥମେ ସେମାନେ ମୋ ସ୍ତ୍ରୀକୁ ତାଗିଦ୍ କରୁଥିଲେ, ବର୍ତ୍ତମାନ୍ କହୁଛନ୍ତି ତୁମ ପରିବାର କଥାରେ ଆମେ ଆଉ ମୁଣ୍ଡ ଖର୍ଚ୍ଚ କରିପାରିବୁ ନାହିଁ । ତୁମ କଥା ତୁମେ ବୁଝ.......


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।